# NATIONAL NEWS BULLETIN (ODIA)
## 21st June - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟରଞ୍ଜନ ମହାପାତ୍ର**

## ମୁଖ୍ୟ ସମ୍ବାଦ

- ୨୦୪୭ ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣ ପାଇଁ ବିକାଶ ପ୍ରତ୍ୟେକ ବର୍ଗ ଓ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବାର ଆବଶ୍ୟକତା ରହିଛି ।

— ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ।

- 'ସୁସ୍ଥ ଆୟୁ ପାଇଁ ଯୋଗ' ବାର୍ତ୍ତା ନେଇ ଦେଶ ତଥା ଦେଶ ବାହାରେ ଆଜି ଆନ୍ତର୍ଜାତିକ ଯୋଗଦିବସ ପାଳିତ ।

— ମାନସିକ ଓ ଶାରୀରିକ ସୁସ୍ଥତାପାଇଁ ଯୋଗ ଅପରିହାର୍ଯ୍ୟ; କହିଲେ ପ୍ରଧାନମନ୍ତ୍ରୀ ।

- ତାମିଲନାଡୁରେ ଆମୋନିଆ ଗ୍ୟାସ୍ ଦୁର୍ଘଟଣାରେ ୭ ମୃତ; ୭୦ ଆହତ ।

ଏବଂ

- ଶ୍ରୀଲଙ୍କାର ଦାମ୍ବୁଲାଠାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଏକଦିବସୀୟ କ୍ରିକେଟ୍ ସିରିଜ୍‌ର ଫାଇନାଲରେ ଶ୍ରୀଲଙ୍କାକୁ ୬୬ ରନ୍‌ରେ ପରାସ୍ତ କଲା ଭାରତ ।

## ପ୍ରେଜ୍ - ଜବଲପୁର କନ୍‌ଭୋକେସନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟପ୍ରଦେଶର ଜବଲପୁରଠାରେ ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି । ଉତ୍ସବରେ ମଧ୍ୟପ୍ରଦେଶ ରାଜ୍ୟପାଳ ତଥା କୁଳାଧିପତି ମଙ୍ଗୁଭାଇ ପଟେଲ୍, ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଇନ୍ଦର ସିଂହ ପର୍‌ମାର ଯୋଗ ଦେଇଥିଲେ । ଏହି ଅବସରରେ ରାଷ୍ଟ୍ରପତି ଉଦ୍‌ବୋଧନ ଦେଇ କହିଛନ୍ତି, ରାଣୀ ଦୁର୍ଗାବତୀଙ୍କ ନାମରେ ନାମିତ ଏହି ବିଶ୍ୱବିଦ୍ୟାଳୟ' ସାହସ, ବୀରତ୍ୱର ପ୍ରତୀକକୁ ସୂଚାଉଛି । ରାଣୀ ଦୁର୍ଗାବତୀ ସର୍ବଦା ଭାରତୀୟ ମହିଳାଙ୍କୁ ଆଗାମୀ ପିଢ଼ି ଲାଗି ପ୍ରୋତ୍ସାହିତ କରୁଥିଲେ ବୋଲି ସେ କହିଛନ୍ତି । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ବିଶ୍ୱବିଦ୍ୟାଳୟ ଚତୁଃପାର୍ଶ୍ୱ ଅଞ୍ଚଳରେ ବହୁସଂଖ୍ୟକ ଜନଜାତି ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି । ଜନଜାତି ସମ୍ପ୍ରଦାୟର

ଲୋକମାନଙ୍କୁ ସଶକ୍ତ କରିବା ଦିଗରେ ବିଭିନ୍ନ କାର୍ଯ୍ୟ ହାତକୁ ନେବା ଲାଗି ସେ ବିଶ୍ୱବିଦ୍ୟାଳୟ ସହ ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କୁ ଆହ୍ୱାନ ଦେଇଛନ୍ତି । ଜନଜାତି ସମ୍ପ୍ରଦାୟର ଲୋକମାନେ ବିଶେଷକରି ସ୍ୱାଭିମାନୀ, ସେମାନେ ସେମାନଙ୍କ ସମସ୍ୟା ମୁକ୍ତଭାବେ କହିପାରି ନ ଥା'ନ୍ତି । ଏହି ପରିସ୍ଥିତିରେ ଶିକ୍ଷିତ ଯୁବବର୍ଗ ସେମାନଙ୍କ ଗ୍ରାମ ଓ ସମ୍ପ୍ରଦାୟର ଲୋକଙ୍କ ସହ ଯୋଗାଯୋଗରେ ରହି ସରକାରଙ୍କ ବିଭିନ୍ନ ଯୋଜନା ଏବଂ ସୁଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟକରିବା ଉଚିତ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

***Voice (Prez - Durgabati)*** :.......

୨୦୪୭ ମସିହା ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ପାଇଁ ବିକାଶ' ସମାଜର ପ୍ରତ୍ୟେକ ବର୍ଗ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବାର ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଉଭୟ ବ୍ୟକ୍ତିବିଶେଷ ଏବଂ ସମାଜର ବିକାଶପାଇଁ ଶିକ୍ଷା ହେଉଛି ପ୍ରମୁଖ ଅସ୍ତ୍ର ବୋଲି ଶ୍ରୀମତୀ ମୁର୍ମୁ ଏହି ମର୍ମରେ କହିଛନ୍ତି । ଏଣୁ ଜନଜାତି ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିରନ୍ତର ଉଦ୍ୟମ ଜାରି ରହିବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଆସନ୍ତାକାଲି ରାଷ୍ଟ୍ରପତି କୁନୋ ଜାତୀୟ ଉଦ୍ୟାନ ପରିଦର୍ଶନ କରିବେ । ସେଠାରେ ସହରିଆ ଜନଜାତିର ସଦସ୍ୟ, ଚିତା ଟ୍ରାକର୍ସ ଏବଂହ ପାର୍କ'ର କ୍ଷେତ୍ରିୟ ଦଳର ସଦସ୍ୟମାନଙ୍କ ସହ ରାଷ୍ଟ୍ରପତି ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

# ଯୋଗ ଡେ

ଆନ୍ତର୍ଜାତିକ ଯୋଗ ଦିବସ ଆଜି ସମଗ୍ର ଦେଶ ତଥା ଦେଶ ବାହାରେ ମଧ୍ୟ ପାଳିତ ହୋଇଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି, "ସୁସ୍ଥ ଆୟୁ ପାଇଁ ଯୋଗ" । ଯୋଗର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଇଛି । ଆନ୍ତର୍ଜାତିକ ଯୋଗଦିବସର ମୁଖ୍ୟ କାର୍ଯ୍ୟକ୍ରମ ପଶ୍ଚିମବଙ୍ଗ କୋଲ୍‌କାତାର ଐତିହାସିକ ରେଡ୍‌ରୋଡ୍‌ଠାରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ, ଯୋଗ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିରଖିଛି । ଯୋଗ କୌଣସି ଗୋଟିଏ ଆୟୁବର୍ଗ ପାଇଁ ସୀମିତ ନୁହେଁ, ବରଂ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ଯୋଗ ମାଧ୍ୟମରେ ବୟସ ବଢ଼ିବା ସହ ଜଣେ ବ୍ୟକ୍ତି ସୁସ୍ଥ ଓ ସକ୍ରିୟ ରହିପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

***Voice (PM)*** :.........

ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗ ହେଉଛି ମାନବୀୟ ଚେତନାର ସଶକ୍ତ ଅଭିବ୍ୟକ୍ତି । ଏହା ମାନସିକ ସୁସ୍ଥତା ତଥା ଶାରୀରିକ ସୁସ୍ଥତାକୁ ସନ୍ତୁଳିତ କରିବା ସହ ସକାରାତ୍ମକ ଜୀବନ ଅତିବାହିତ କରିବାରେ ସହାୟକ ହୋଇଥାଏ । ସରକାରଙ୍କ ଦ୍ୱାରା ୧୦୦ ଦିନିଆ ଅନଲାଇନ୍ ଯୋଗ ପ୍ରଶିକ୍ଷଣ ଯୋଗୁଁ

'ଚଳିତ ବର୍ଷ ସବୁଦିନ ଯୋଗ' ସ୍ଲୋଗାନ ଲୋକପ୍ରିୟ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ସଂଯୁକ୍ତ ଆରବ ଏମିରେଟ୍ସ୍‌ର ବିଭିନ୍ନ ସ୍ଥାନରେ ଆଜି ଆନ୍ତର୍ଜାତିକ ଯୋଗଦିବସ ଉତ୍ସାହର ସହ ଅନୁଷ୍ଠିତ ହୋଇଛି । ଦୁବାଇଠାରେ ଭାରତର କନ୍‌ସୁଲେଟ୍ ଜେନେରାଲ୍ ଯୋଗ ଅଧିବେଶନର ଆୟୋଜନ କରିଥିଲେ ।

ସେହିପରି ଆବୁଧାବିଠାରେ ମଧ୍ୟ ପ୍ରାୟ ୧ ହଜାର ବ୍ୟକ୍ତି ଯୋଗାଭ୍ୟାସ କରିଥିଲେ ।

## ବ୍ରିକ୍ସ-ଏନର୍ଜି ମିନିଷ୍ଟର୍ସ ମିଟିଂ

ହରିୟାଣାର ଗୁରୁଗ୍ରାମଠାରେ ଚଳିତ ମାସ ୨୫ ଓ ୨୬ ତାରିଖରେ ହେବାକୁ ଥିବା ଏକାଦଶ ବ୍ରିକ୍ସ ଶକ୍ତି ମନ୍ତ୍ରୀସ୍ତରୀୟ ବୈଠକରେ ଭାରତ ଅଧ୍ୟକ୍ଷତା କରିବ । ବୈଠକରେ ୩ଟି ପ୍ରମୁଖ ପ୍ରସଙ୍ଗ ଶକ୍ତି ସୁରକ୍ଷା ଓ ଦୀର୍ଘସ୍ଥାୟୀ, ଶକ୍ତି ଉପଲବ୍ଧତା ଓ ସମାନତା ଏବଂ ପ୍ରଯୁକ୍ତିବିଦ୍ୟା ଓ ନବସୃଜନରେ ଆଲୋଚନା ହେବ । ସମସ୍ତ ୧୧ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଶକ୍ତିମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରି ଶକ୍ତି ସୁରକ୍ଷା, ଏହାର ଦୀର୍ଘସ୍ଥାୟୀ ଏବଂ ନବସୃଜନ କ୍ଷେତ୍ରରେ ଆପୋଷ ସହଯୋଗ ଦୃଢ଼ୀଭୂତ କରିବା ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଚଳିତ ବର୍ଷ ଭାରତର ଅଧ୍ୟକ୍ଷତାରେ ହେବାକୁ

ଥିବା ବ୍ରିକ୍ସ ବୈଠକର ବିଷୟବସ୍ତୁ ରହିଛି "ଆତ୍ମନିର୍ଭରଶୀଳ, ନବସୃଜନ, ସହଯୋଗ ଏବଂ ଦୀର୍ଘସ୍ଥାୟୀ ଗଠନ" । ଏହି ବୈଠକ ଭାରତକୁ ସମାବେଶୀ ବୈଶ୍ୱିକ ଶକ୍ତି ଭବିଷ୍ୟତର ସ୍ୱରୂପ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ।

## ଇରାନ-ୟୁ.ଏସ୍.-ସ୍ୱିସ୍ ଟକ୍

ଆମେରିକା ଓ ଇରାନ୍ ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ବୁଝାମଣାକୁ ସୁଦୃଢ଼ କରିବା ଏବଂ ପଶ୍ଚିମ ଏସିଆରେ ଲାଗି ରହିଥିବା ବିବାଦ ଶେଷ କରିବା ଉଦ୍ଦେଶ୍ୟରେ ଆଜି ସ୍ୱିଜରଲାଣ୍ଡର ବର୍ଗନଷ୍ଟକ୍‌ଠାରେ ଆମେରିକା ଏବଂ ଇରାନ୍ ମଧ୍ୟରେ ଆଲୋଚନା ଜାରି ରହିଛି । କାତାର ଏବଂ ପାକିସ୍ତାନର ମଧ୍ୟସ୍ଥତାରେ ଏହି ଆଲୋଚନା ହେଉଛି । ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଆମେରିକା ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଉଥିବାବେଳେ ଇରାନ୍ ପକ୍ଷରୁ ସଂସଦ ଅଧ୍ୟକ୍ଷ ମହମ୍ମଦ ବଗେର ଗାଲିବାଫ୍ ଏବଂ ବୈଦେଶିକ ମନ୍ତ୍ରୀ ଆବାସ ଆରାଗାଛି ନେତୃତ୍ୱ ନେଉଛନ୍ତି ।  ଲେବାନନ୍ ଉପରେ ଇସ୍ରାଏଲ୍‌ର ଲଗାତାର ଆକ୍ରମଣ ଯୋଗୁଁ ହର୍ମୁଜ ପ୍ରଣାଳୀରେ ଜାହାଜ ଯାତାୟତ ବନ୍ଦ କରାଯିବା ସମ୍ପର୍କରେ ଇରାନ୍ କହିବା ପରେ ଏହି ବୈଠକ ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ଆମେରିକା ସେନା ପକ୍ଷରୁ କୁହାଯାଇଛି, ହର୍ମୁଜ ପ୍ରଣାଳୀ ଦେଇ ସମସ୍ତ ଜାହାଜର ଯାତାୟାତ ଚାଲୁ ରହିଛି ।

## ଟି.ଏନ୍. - ଆମୋନିଆ ଗ୍ୟାସ୍ ଲିକ୍

ତାମିଲ୍‌ନାଡୁର ପେରିୟା'ପାଲାୟମ୍‌ସ୍ଥିତ ଏକ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କମ୍ପାନୀରେ ଆଜି ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ୭ ଜଣଙ୍କର ମୃତ୍ୟୁ ହେବା ସହ ୭୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅସୁସ୍ଥ ହୋଇଛନ୍ତି । ପ୍ରଥମିକ ରିପୋର୍ଟ ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଏନ୍.ଡି.ଆର୍.ଏଫ୍., ରାସାୟନିକ, ଜୈବିକ ଏବଂ ଆଣବିକ ତ୍ୱରିତ ସ୍ୱତନ୍ତ୍ର ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ସି. ଯୋଶେଫ୍ ବିଜୟ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଏକ ୩ ଜଣିଆ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ନୀଟ୍ - ଏକ୍‌ଜାମ୍

ନୀଟ୍-ୟୁ.ଜି.--୨୦୨୬ ପୁନଃ ପରୀକ୍ଷା ଆଜି କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମ୍ପନ୍ନ ହୋଇଛି । ଦେଶର ୫୫୧ଟି ସହର ଓ ବିଦେଶର ୧୪ଟି ସହରରେ ୨୨ ଲକ୍ଷ ୭୯ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ।

ଏହି ପରୀକ୍ଷା ଇଂରାଜୀ ଓ ୧୨ଟି ଭାରତୀୟ ଭାଷାରେ ଅପରାହ୍ଣ ୨ଟାରୁ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ପୁନଃ ପରୀକ୍ଷା ସୁପରିଚାଳନାପାଇଁ ଗତକାଲି ଦେଶବ୍ୟାପୀ ମକ୍‌ଡ୍ରିଲ୍ କରାଯାଇଥିଲା । ସମସ୍ତ ପରୀକ୍ଷା କେନ୍ଦ୍ରରେ ଜାମର୍, ସି.ସି.ଟି.ଭି. କ୍ୟାମେରା, ବାୟୋମେଟ୍ରିକ୍ ଯାଞ୍ଚ୍ ଆଦି ବ୍ୟବସ୍ଥା କରାଯାଇଥିଲା ।

## କ୍ରିକେଟ୍

ଶ୍ରୀଲଙ୍କାର ଦାମ୍ବୁଲାଠାରେ ପୁରୁଷବର୍ଗ ଭାରତ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ଅନୁଷ୍ଠିତ ଦିନିକିଆ ତ୍ରିରାଷ୍ଟ୍ରୀୟ ସିରିଜ୍‌ର ଫାଇନାଲ ମ୍ୟାଚ୍‌ରେ ଭାରତ ଶ୍ରୀଲଙ୍କାକୁ ୬୬ ରନ୍‌ରେ ପରାସ୍ତ କରିଛି । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର୍‌ରେ ୯ ୱିକେଟ୍ ବିନିମୟରେ ୩୭୭ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଶ୍ରୀଲଙ୍କା ଦଳ ୪୭ ଓଭର ଗୋଟିଏ ବଲ୍‌ରେ ୩୧୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ତିଲକ ବର୍ମା ୬୭ଟି ରନ୍ ଏବଂ ବୈଭବ ସୂର୍ଯ୍ୟବଂଶୀ ୯୪ ରନ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ୟାଶ୍ ଠାକୁର ଏବଂ ବିପ୍‌ରାଜ ନିଗମ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିବାବେଳେ ଅଙ୍କୁଲ ରାୟ ୨ଟି ୱିକେଟ୍ ନେଇଥିଲେ । ଶ୍ରୀଲଙ୍କାପାଇଁ କୁଗାଥାସ ମାଧୁଲାନ୍, ରବିନ୍ଦୁ ଫର୍ଣ୍ଣାଣ୍ଡୋ ଏବଂ ୱାନୁଜା ଶାହାନ୍ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଶ୍ରୀଲଙ୍କା ପକ୍ଷରୁ ୱାନୁଜା

ଶହାନ୍ ୬୯ଟି ବଲ୍‌ରୁ ୬୨ ରନ୍ କରିଥିବାବେଳେ ସଦିରା ସମାରାୱିକ୍ରମ୍ ୪୪ଟି ବଲରୁ ୫୨ ରନ୍ ସଂଗ୍ରହ କରିଥିଲେ ।

## ଫିଫା - ୱାର୍ଲଡ କପ୍

ଯୁକ୍ତରାଷ୍ଟ୍ର ଆମେରିକାର ଆଟ୍‌ଲାଣ୍ଟାଠାରେ ଆଜି ରାତିରେ ଫିଫା ବିଶ୍ୱକପ୍ ଗ୍ରୁପ୍-ଏଚ୍' ମ୍ୟାଚ୍‌ରେ ସ୍ପେନ୍ ଏବଂ ସାଉଦି ଆରବ ମଧ୍ୟରେ ଖେଳ ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୯ଟାରେ ଆରମ୍ଭ ହେବ । ଅନ୍ୟ ଏକ ଖେଳ ଆମେରିକାର ଲସ୍ ଏଞ୍ଜେଲସ୍‌ଠାରେ ରାତି ସାଢ଼େ ୧୨ଟାରେ ଗ୍ରୁପ୍-ଜି' ମ୍ୟାଚ୍‌ରେ ବେଲ୍‌ଜିୟମ୍ ଓ ଇରାନ୍ ମଧ୍ୟରେ ମୁକାବିଲା ହେବ ।

## ପି.ଏମ୍. - ଏଫ୍.ଆଇ.ଏଚ୍. ହକି

ଅକ୍‌ଲ୍ୟାଣ୍ଡଠାରେ ଅନୁଷ୍ଠିତ ଏଫ୍.ଆଇ.ଏଚ୍. ହକି ମହିଳା ନ୍ୟାସନାଲ୍ କପ୍ ପ୍ରତିଯୋଗିତାରେ ଭାରତୀୟ ମହିଳା ହକିଦଳ ଚାମ୍ପିୟନ୍ ହୋଇଛି । ଭାରତ' ନ୍ୟୁଜିଲାଣ୍ଡକୁ ୨-୦ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍‌ରେ ବିଜୟୀ ହୋଇଛି । ଖେଳର ପ୍ରଥମ ୪ ମିନିଟ୍ ମଧ୍ୟରେ ଭାରତ ପକ୍ଷରୁ ନବନୀତ କୌର ପ୍ରଥମ ଗୋଲ୍ ଦେଇଥିଲେ । ସେହିପରି ୧୫ ମିନିଟ୍ ମଧ୍ୟରେ

ସୁନେଲିତା ଟପୋ ଦ୍ୱିତୀୟ ଗୋଲ୍ ଦେଇଥିଲେ । ଭାରତର ଏହି ସଫଳତା ପାଇଁ ହକି ଇଣ୍ଡିଆ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ଏବଂ ପ୍ରତ୍ୟେକ ସହାୟକ କର୍ମଚାରୀଙ୍କୁ ଦେଢ଼ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ଘୋଷଣା କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଫ୍.ଆଇ.ଏଚ୍. ହକି ମହିଳା ନ୍ୟାସନାଲ୍ କପ୍ ପ୍ରତିଯୋଗିତାରେ ଭାରତର ହକିଦଳ ବିଜୟ ହାସଲ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ’ ପ୍ରତିଯୋଗୀମାନଙ୍କର ଅନନ୍ୟ କ୍ରୀଡ଼ାଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ । ସେମାନଙ୍କର ଏହି ବିଜୟ ଯୁବଖେଳାଳିମାନଙ୍କୁ ହକି ଖେଳିବାପାଇଁ ପ୍ରୋତ୍ସାହିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

*****